# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 15 November - 2024

### News Editor : *Itishree Singh Rathaur*

---

# ଜନଜାତୀୟ ଗୌରବ ଦିବସ

ଭଗବାନ ବିର୍ସାମୁଣ୍ଡାଙ୍କର ୧୫୦ତମ ଜୟନ୍ତୀକୁ ଆଜି ଦେଶରେ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଛି । ଭଗବାନ ବିର୍ସାମୁଣ୍ଡା ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ । ଭଗବାନ ବିର୍ସାମୁଣ୍ଡାଙ୍କ ଦେଶ ମାତୃକାର ଅମୂଲ୍ୟ ଅବଦାନକୁ ଚିରସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରର ଜାମୁଇ ଠାରେ ଆୟୋଜିତ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ପୂର୍ବାହ୍ନ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରିବେ ।

ଭୁବନେଶ୍ୱର ଜନତା ମଇଦାନରେ ରାଜ୍ୟସ୍ତରୀୟ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଏବଂ ଜନଜାତୀୟ ଗୌରବ ଦିବସ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଭେଙ୍କଟେଶ ଯୋଶୀ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାୟକଙ୍କ ସମେତ ଭୁବନେଶ୍ୱର ସାଂସଦ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଜନଜାତୀୟ ଗୌରବ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଗତକାଲି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ଜନଜାତି ସମୁଦାୟଙ୍କ ପ୍ରଗତି ଦେଶର ପ୍ରାଥମିକତା । ସମାଜରେ ସଦ୍‌ଭାବନା ଏବଂ ସଂସ୍କୃତିକୁ ଉଜ୍ଜୀବିତ ରଖିବାରେ ଜନଜାତି ସଂପ୍ରଦାୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଚି ।

## କଟକ ବାଲିଯାତ୍ରା

ପବିତ୍ର କାର୍ତ୍ତିକ ମାସର ଶେଷଦିନରେ ଆଜି ପରମ୍ପରା ଅନୁସାରେ ସକାଳୁ ବିଭିନ୍ନ ପୁଷ୍କରିଣୀ ଓ ମହୋଦଧିରେ ଡଙ୍ଗାଭସାଣ ପର୍ବ ହେଉଛି । ଉତ୍କଳୀୟ ପରମ୍ପରାରେ ଆଜିର ଦିବସର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରହିଛି । ଧାର୍ମିକ ବିଧି ଅନୁସାରେ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜୀଉମାନେ ରତ୍ନସିଂହାସନରେ ସୁନାବେଶରେ ଦର୍ଶନ ଦେବେ । ଶ୍ରୀଜୀଉଙ୍କର ଏହି ଦୁର୍ଲଭ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଛି । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉତ୍କଳର ଐତିହ୍ୟ ସଂପନ୍ନ ବାଲିଯାତ୍ରାର ସ୍ମୃତିଚାରଣ କରି କଟକଠାରେ ଆଜିଠାରୁ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାହ୍ନ ସାଢ଼େ ୫ଟାରେ ବାଲିଯାତ୍ରା ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ମହୋତ୍ସବ ଚାଲିବ ।

ବାଲିଯାତ୍ରାର ଉପର ଓ ତଳ ପଡ଼ିଆରେ ୨୫ ଶହରୁ ଅଧିକ ଛୋଟବଡ଼ ଷ୍ଟଲ୍ ସ୍ଥାନ ପାଇଛି ।

........................................................................

## ବାଣିଜ୍ୟ ମେଳା

ନୂଆଦିଲ୍ଲୀରେ ଆୟୋଜିତ ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ରେ ଓଡ଼ିଶା ମଣ୍ଡପକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି । ୧୪ଦିନ ଧରି ଚାଲିବାକୁ ଥିବା ଏହି ବାଣିଜ୍ୟ ମେଳାରେ ଓଡ଼ିଶାର କଳା, ସଂସ୍କୃତି, ଜନଜାତି ଜୀବନ, କୃଷି, ହସ୍ତତନ୍ତ, ହସ୍ତଶିଳ୍ପ, କ୍ଷୁଦ୍ରଶିଳ୍ପ, ପର୍ଯ୍ୟଟନ, ପରିବେଶ ସୁରକ୍ଷା ତଥା ରାଜ୍ୟର ସାମଗ୍ରିକ ବିକାଶର ଛବି ପ୍ରତିଫଳିତ ହୋଇଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ୨୦୩୬ ମସିହା ସୁଦ୍ଧା ଓଡ଼ିଶାର ବିକାଶ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ବିଷୟରେ ସୂଚନା ଦେଇଥିଲେ ।

## ଚିନ୍ତନ ଶିବିର

ନୂତନ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରରେ ଚାଲିଥିବା ୨ ଦିନିଆ ଚିନ୍ତନ ଶିବିର ୨୦୨୪ ଆଜି ଉଦ୍‌ଯାପିତ ହେବ । ନୂତନ ଓ ଅକ୍ଷୟଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଶିବିରକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀଙ୍କ ୫୦୦ ଗିଗାୱାଟ ଅକ୍ଷୟଶକ୍ତି ଲକ୍ଷ୍ୟ ହାସଲ କରିବାକୁ ମନ୍ତ୍ରଣାଳୟ କାର୍ଯ୍ୟ କରୁଥିବା କହିଛନ୍ତି । ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟଶୋ ନାୟକ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସମେତ କେନ୍ଦ୍ର ଓ ରାଜ୍ୟର ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରର ପ୍ରଥମ ଦିନରେ ଗତକାଲି ପି.ଏମ୍.-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା, ସୌରଶକ୍ତିର ଉତ୍ପାଦନ ବୃଦ୍ଧି, ଅକ୍ଷୟ ଶକ୍ତି ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା ।

# ଆବେଦନ

ଓଡ଼ିଶା ସେକେଣ୍ଡାରୀ ସ୍କୁଲ୍ ଶିକ୍ଷକ ଯୋଗ୍ୟତା ପରୀକ୍ଷା ୨୦୨୪ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆବେଦନ ପ୍ରକ୍ରିୟା ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ମାସ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଅନ୍‌ଲାଇନ୍ ମାଧ୍ୟମରେ ଇଚ୍ଛୁକ ପ୍ରାର୍ଥୀମାନେ ଆବେଦନ କରିପାରିବେ । ପ୍ରାର୍ଥୀମାନଙ୍କ ଆବେଦନ ଲାଗି ବୋର୍ଡ ୱେବ୍‌ସାଇଟ୍‌ରେ ୧୯ ତାରିଖରୁ ଲିଙ୍କ୍ ଉପଲବ୍ଧ ହେବ ବୋଲି ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

---

# ରଙ୍ଗେଇଲୁଣ୍ଡା ଏୟାରପୋର୍ଟ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟସ୍ଥ ରଙ୍ଗେଇଲୁଣ୍ଡା ଏୟାରପୋର୍ଟ ସଂପ୍ରସାରଣ କାର୍ଯ୍ୟକୁ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅନୁଧ୍ୟାନ କରିଛନ୍ତି । ଏହି ଏୟାରପୋର୍ଟର ରନ୍‌ୱେ ୧୨ଶହ ମିଟରକୁ ସଂପ୍ରସାରଣ କରାଯାଇ ଏକ ପୂର୍ଣ୍ଣକାଳୀନ ବିମାନ ବନ୍ଦର କରାଯିବାକୁ ଯୋଜନା ରହିଛି । ସଂପ୍ରସାରଣ କାର୍ଯ୍ୟ ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ଶେଷ ହେବ ବୋଲି ସୂଚନା ମିଳିଛି ।

---

# ନାନକ ଜୟନ୍ତୀ

ଶିଖ୍ ଧର୍ମଗୁରୁ ନାନକଙ୍କର ୫ଶହ ୫୫ ଜୟନ୍ତୀକୁ ଆଜି ଦେଶରେ ଗୁରୁପର୍ବ ଭାବେ ପାଳନ କରାଯାଉଛି । ଶିଖ୍ ଧର୍ମର ସ୍ଥାପନ କରିଥିବା ଗୁରୁ ନାନକଙ୍କ ଜୟନ୍ତୀ ଅବସରରେ ଆଜି ଅମୃତସ୍ୱର ସ୍ୱର୍ଣ୍ଣମନ୍ଦିର ସହିତ

ପୃଥିବୀର ବିଭିନ୍ନ କୋଣ ଅନୁକୋଣରେ ଥିବା ଗୁରୁଦ୍ୱାର ଗୁଡ଼ିକରେ ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି । ଗୁରୁ ନାନକଙ୍କର ତ୍ୟାଗ, ଦୟା ଏବଂ କରୁଣା ମାନବସମାଜକୁ ଉଚିତ ମୂଲ୍ୟବୋଧ ଏବଂ ସଦ୍‌ମାର୍ଗ ଦେଖାଇଥାଏ ।

## ପୁରସ୍କାର

ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବା ସଫଳ କ୍ରୀଡ଼ାବିତମାନଙ୍କୁ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଛି । ବିଭାଗ ପକ୍ଷରୁ ୧୫ଟି କ୍ରୀଡ଼ା ବର୍ଗରେ ମୋଟ୍ ୧୨୯ଜଣ କ୍ରୀଡ଼ାବିତଙ୍କୁ ୧୭ଲକ୍ଷ ୮୩ ହଜାର ୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି ।